# NATIONAL NEWS BULLETIN (ODIA)

## 7 October 2026

### Morning Bulletin : 7.15 A.M.

*******************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସାର୍ବଜନୀନ ଜୀବନର ଯାତ୍ରାକୁ ଆଜି ପୁରିଲା ୨୫ ବର୍ଷ ।

– ଆଭାସୀ ମାଧ୍ୟମରେ ବିକଶିତ ଭାରତ ସଂକଳ୍ପ ସମାବେଶକୁ କରିବେ ସମ୍ବୋଧନ ।

- ପ୍ରଧାନମନ୍ତ୍ରୀଙ୍କ ସମ୍ମାନାର୍ଥେ କେନ୍ଦ୍ର କ୍ୟାବିନେଟ୍‌ରେ ସଂକଳ୍ପ ପାରିତ ।
- ଦ୍ୱିତୀୟ ଭାରତ – ଇ.ଏଫ୍.ଟି.ଏ. ସମୃଦ୍ଧି ସମ୍ମିଳନୀ ୨୦୨୬କୁ ଆଜି ସମ୍ବୋଧନ କରିବେ ପ୍ରଧାନମନ୍ତ୍ରୀ ଓ ସ୍ୱିଜରଲ୍ୟାଣ୍ଡର ରାଷ୍ଟ୍ରପତି ।
- ହିମାଚଳର ରୋହତାଙ୍ଗ ସ୍ଥିତ ଅଟଳ ସୁଡ଼ଙ୍ଗ ଆଜି ପରିଦର୍ଶନ କରିବେ ରାଷ୍ଟ୍ରପତି ।

ଏବଂ

- ଲକ୍ଷ୍ନୌ ଟି-ଟ୍ୱେଣ୍ଟି ପୁରୁଷ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍‌କୁ ୮ ୱିକେଟ୍‌ରେ ପରାସ୍ତ କଲା ଭାରତ ।

## ବିଜେପି-ପିଏମ୍ ଫଙ୍କସନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସାର୍ବଜନୀନ ଜୀବନର ଯାତ୍ରା ଆଜି ୨୫ ବର୍ଷ ପୂରଣ କରିଛି । ଏହି ଅବସରରେ ଶ୍ରୀ ମୋଦୀ ଓ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଆଜି ବିକଶିତ ଭାରତ ସଂକଳ୍ପ ସମାବେଶକୁ ସମ୍ବୋଧନ କରିବେ । ଏହି କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ଦେଶର ବିଭିନ୍ନ ପ୍ରାନ୍ତରୁ ଦଳୀୟ ନେତା ଓ କର୍ମକର୍ତ୍ତା ଯୋଗଦେବେ । ଦଳର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତଥା ଉତ୍ତରପ୍ରଦେଶ ପ୍ରଭାରୀ ବିନୋଦ ତାଓଡେ, ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ସ୍ୱାସ୍ଥ୍ୟମନ୍ତ୍ରୀ ମନ୍ତ୍ରୀ ଜେ.ପି. ନଡ୍ଡା, ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ପ୍ରମୁଖ ଉତ୍ତରପ୍ରଦେଶର ବିଭିନ୍ନ ସ୍ଥାନରୁ ଏହି କାର୍ଯ୍ୟକ୍ରମରେ ଯୋଗଦେବେ ।

## କ୍ୟାବିନେଟ୍-ରିଜୋଲ୍ୟୁସନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜରାଟ ମୁଖ୍ୟମନ୍ତ୍ରୀ ଓ ଦେଶର ପ୍ରଧାନମନ୍ତ୍ରୀ ଭାବେ ୨୫ ବର୍ଷ ପୂର୍ଣ୍ଣ କରିଥିବାରୁ କେନ୍ଦ୍ର କ୍ୟାବିନେଟ୍‌ରେ ତାଙ୍କୁ ଅଭିନନ୍ଦନ ଜଣାଇବା ଲାଗି ଗତକାଲି ଏକ ସଂକଳ୍ପ ପାରିତ କରିଛି । ଶ୍ରୀ ମୋଦୀ ୨୦୦୧ ମସିହା ଅକ୍ଟୋବର ୭ ତାରିଖରେ ପ୍ରଥମେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ । ପରେ ୨୦୧୪ରେ

ସେ ଦେଶର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିଲେ । ଆଜି ସରକାରଙ୍କ ମୁଖ୍ୟ ଭାବେ ସେ ୨୫ ବର୍ଷ ପୂର୍ଣ୍ଣ କରିବେ ।

କ୍ୟାବିନେଟ୍‌ର ଏହି ନିଷ୍ପତ୍ତି ସମ୍ପର୍କରେ ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କର ଗତ ୨୫ ବର୍ଷର କାର୍ଯ୍ୟକାଳ ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସଶକ୍ତ କରିବାରେ ସହାୟକ ହୋଇଛି । ଏକ ସାଧାରଣ ପରିବାରରୁ ଆସିଥିବା ବ୍ୟକ୍ତି ଦେଶସେବା ପ୍ରତି ନିଜକୁ ଉତ୍ସର୍ଗ କରି ଆଜି ପର୍ଯ୍ୟନ୍ତ ଏହାକୁ ଜାରି ରଖିବାରେ ସଫଳ ହୋଇଛନ୍ତି । ପ୍ରଧାନମନ୍ତ୍ରୀ ଯେଉଁ ଇତିହାସ ସୃଷ୍ଟି କରିଛନ୍ତି ତାହା ଗଣତାନ୍ତ୍ରିକ ଦେଶରେ ଅନନ୍ୟ ।

**V/OASHWINI--PM-25-YEARS**

# ପିଏମ୍ ମୋଦୀ–ଇଏଫ୍‌ଟିଏ

ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ଦ୍ୱିତୀୟ ଭାରତ – ଇ.ଏଫ୍.ଟି.ଏ. ସମୃଦ୍ଧି ସମ୍ମିଳନୀ ୨୦୨୬କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ସ୍ୱିଜରଲ୍ୟାଣ୍ଡ ରାଷ୍ଟ୍ରପତି ଗଏ ପାର୍ମେଲିନ୍ ସମ୍ବୋଧନ କରିବେ । ଭାରତ ଇ.ଏଫ୍.ଟି.ଏ. ବାଣିଜ୍ୟ ଏବଂ ଅର୍ଥନୈତିକ ସହଭାଗିତା ଚୁକ୍ତିନାମାର ଏବେ ପ୍ରଥମ ବାର୍ଷିକୀ ପାଳନ କରାଯାଉଛି । ସମ୍ମିଳନୀରେ ଇ.ଏଫ୍.ଟି.ଏ. ଅନ୍ତର୍ଭୁକ୍ତ ଦେଶ ସ୍ୱିଜରଲ୍ୟାଣ୍ଡ, ନରୱେ, ଆଇସ୍‌ଲ୍ୟାଣ୍ଡ ଓ ଲେଚେନ୍‌ଷ୍ଟାଇନ୍‌ର ବରିଷ୍ଠ ପଦାଧିକାରୀ, ଶିଳ୍ପ ନେତୃତ୍ୱ ଓ ପ୍ରମୁଖ ଅଂଶିଦାର ଅଂଶଗ୍ରହଣ କରୁଛନ୍ତି । ଏହି ରାଷ୍ଟ୍ରଗୁଡ଼ିକ ସହ ଅର୍ଥନୈତିକ

ସହଯୋଗକୁ ଅଧିକ ସୁଦୃଢ଼ କରିବା ତଥା ବ୍ୟାବସାୟିକ ସହଭାଗିତାକୁ ପ୍ରୋତ୍ସାହନ ପ୍ରଦାନ କରିବାରେ ଏହି ସମ୍ମିଳନୀ ଏକ ମଞ୍ଚ ପ୍ରଦାନ କରିବ । ବାଣିଜ୍ୟ, ନିବେଶ, ପ୍ରଯୁକ୍ତିବିଦ୍ୟା ସହଯୋଗ ଓ ନବସୃଜନ କ୍ଷେତ୍ରରେ ନୂତନ ମାର୍ଗ ଚିହ୍ନଟ କରିବା ପାଇଁ ସମ୍ମିଳନୀରେ ମତବିନିମୟ ହେବାର ସମ୍ଭାବନା ରହିଛି । ଭାରତରେ ୧୦୦ ବିଲିୟନ୍ ଡଲାର ନିବେଶ, ସହଭାଗିତା ନିର୍ମାଣ, ଏକ ନିୟୁତ ସୁଯୋଗ ସୃଷ୍ଟି ପ୍ରସଙ୍ଗ ଆଧାରରେ ଏହି ସମ୍ମିଳନୀ ଆୟୋଜିତ ହେଉଛି ।

ସ୍ୱିଜରଲ୍ୟାଣ୍ଡ ରାଷ୍ଟ୍ରପତି ଶ୍ରୀ ପାର୍ମେଲିନ୍ ଭାରତକୁ ଏବେ ତିନି ଦିନିଆ ଗସ୍ତରେ ଆସିଛନ୍ତି । ଭାରତ ଏବଂ ୟୁରୋପୀୟ ମୁକ୍ତ ବାଣିଜ୍ୟସଂଘ ମଧ୍ୟରେ ଇ.ଏଫ୍.ଟି.ଏ. ସହଯୋଗ ଓ ଅର୍ଥନୈତିକ ସହଭାଗିତା ଚୁକ୍ତିନାମା ଗତବର୍ଷ ଅକ୍ଟୋବର ପହିଲାରୁ କାର୍ଯ୍ୟକାରୀ ହୋଇଥିଲା ।

# ପିଏମ୍-ଜିଏସ୍ଏମ୍ଏ

ସମାବେଶୀ ଏବଂ ନିରନ୍ତର ବିକାଶ ପାଇଁ ପ୍ରଯୁକ୍ତିବିଦ୍ୟାକୁ ଏକ ମାଧ୍ୟମ ଭାବେ ଗ୍ରହଣ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଭାରତ ମୋବାଇଲ୍ କଂଗ୍ରେସ ସମ୍ମିଳନୀ ପୂର୍ବରୁ ନୂଆଦିଲ୍ଲୀର ସେବାତୀର୍ଥଠାରେ ମୋବାଇଲ୍ ଯୋଗାଯୋଗ ସଂଘର ବିଶ୍ୱ ବୋର୍ଡ଼ ସଦସ୍ୟଙ୍କ ସହ ଆଲୋଚନା କାଳରେ ଗତକାଲି ଶ୍ରୀ ମୋଦୀ ଏହା କହିଛନ୍ତି । ପ୍ରଯୁକ୍ତିବିଦ୍ୟା ଉପଯୋଗ ଦ୍ୱାରା ସମାଜର ପ୍ରତ୍ୟେକ ବର୍ଗର ନାଗରିକ ସମାନ ସୁବିଧା ପାଇପାରିବେ ବୋଲି ଶ୍ରୀ ମୋଦୀ କହିଛନ୍ତି । ପ୍ରଯୁକ୍ତିବିଦ୍ୟା ଓ ଡିଜିଟାଲ୍ ସେବାଗୁଡ଼ିକୁ ସୁଲଭ ମୂଲ୍ୟରେ ପ୍ରଦାନ କରିବା

ଉପରେ ଶ୍ରୀ ମୋଦୀ ଗୁରୁତ୍ୱ ଦେଇଛନ୍ତି । ସାର୍ବଜନୀନ ପ୍ରଯୁକ୍ତିବିଦ୍ୟା ଭିତ୍ତିଭୂମିଗୁଡ଼ିକୁ ସମ୍ଭାବନାର ପରବର୍ତ୍ତନକାରୀ ଶକ୍ତି ଭାବେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏହା ଏବେ ବର୍ଦ୍ଧିତ ବିଶ୍ୱ ପ୍ରାସଙ୍ଗିକତାକୁ ପ୍ରଦର୍ଶନ କରୁଛି । ଏଭଳି ବ୍ୟବସ୍ଥା ଦକ୍ଷିଣ ବିଶ୍ୱ ଦେଶଗୁଡ଼ିକ ପାଇଁ ଏକ ସ୍ପ୍ରିଙ୍ଗ୍‌ବୋର୍ଡ଼ ଭାବେ କାର୍ଯ୍ୟ କରିବ ବୋଲି ଶ୍ରୀ ମୋଦୀ ଆଶାବ୍ୟକ୍ତ କରିଛନ୍ତି ।

ସାଇବର ଠକେଇରୁ ନାଗରିକଙ୍କୁ ସୁରକ୍ଷିତ ରଖିବା ନେଇ ନିରନ୍ତର ସୂଚନା ପ୍ରଦାନ କରିବାକୁ ଶ୍ରୀ ମୋଦୀ ପରାମର୍ଶ ଦେଇଛନ୍ତି । ଆଜିଠାରୁ ୧୦ ତାରିଖ ପର୍ଯ୍ୟନ୍ତ ଏହି ସମ୍ମିଳନୀ ଅନୁଷ୍ଠିତ ହେବ ।

## ପ୍ରେଜ୍-ଏଚ୍‌ପି ଭିଜିଟ୍

ହିମାଚଳ ପ୍ରଦେଶକୁ ତିନି ଦିନିଆ ଗସ୍ତରେ ଯାଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗତକାଲି ବିଲାଶପୁରଠାରେ ପହଞ୍ଚିବା ପରେ ଏମସ୍ ବିଲାଶପୁରର ପ୍ରଥମ ସମାବର୍ତ୍ତନ ଉତ୍ସବରେ ଯୋଗଦେଇଥିଲେ । ସମାବେଶକୁ ସମ୍ବୋଧନ କରିବା ସହ ମେଧାବି ଛାତ୍ରଛାତ୍ରୀଙ୍କୁ ପଦକ ଓ ଡିଗ୍ରୀ ପ୍ରଦାନ କରିଥିଲେ । ଗସ୍ତର ଆଜି ଦ୍ୱିତୀୟ ଦିନରେ ରାଷ୍ଟ୍ରପତି ରୋହତାଙ୍ଗ ସ୍ଥିତ ଅଟଳ ସୁଡ଼ଙ୍ଗ ପରିଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି । ସୁଡ଼ଙ୍ଗର ଉତ୍ତର ଏବଂ ଦକ୍ଷିଣ ପାର୍ଶ୍ୱ ଉଭୟ କ୍ଷେତ୍ରକୁ ରାଷ୍ଟ୍ରପତି ପରିଦର୍ଶନ କରିବେ । ଏହି ସୁଡ଼ଙ୍ଗ ସମ୍ପର୍କରେ ସୀମା ସଡ଼କ ସଂଗଠନର ଅଧିକାରୀଙ୍କ ସହ ରାଷ୍ଟ୍ରପତି ଭାବବିନିମୟ କରିବାର ସମ୍ଭାବନା ରହିଛନ୍ତି । ଅପରାହ୍ଣରେ ମନାଲିର

ପ୍ରସିଦ୍ଧା ହିଡିମ୍ବା ମନ୍ଦିରରେ ରାଷ୍ଟ୍ରପତି ପ୍ରାର୍ଥନା କରିବାର କାର୍ଯ୍ୟସୂଚୀ ରହିଛି ।

## ସେବାସଂକଳ୍ପ–ସାଗରମାଳା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାର୍ବଜନୀନ ଜୀବନରେ ୨୫ ବର୍ଷ ପୂରଣ କରିଛନ୍ତି। 'ଜନସେବାରୁ ଦେଶସେବା' ମନ୍ତ୍ରକୁ ଆଧାର କରି ତାଙ୍କର ଏହି ଜୟଯାତ୍ରା ଜାରି ରହିଛି। 'ସେବା ଓ ସୁଶାସନ'ର ଏହି ଦୃଷ୍ଟିକୋଣକୁ ନେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ ଦିଗରେ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ସମାବେଶୀ ବିକାଶ ଓ ସାମାଜିକ ସଶକ୍ତିକରଣ ମାଧ୍ୟମରେ ଏହି ପ୍ରୟାସ ଜନଜୀବନରେ ପରିବର୍ତ୍ତନ ଆଣିଛି। ଆମର ଏହି ବିଶେଷ ଶୃଙ୍ଖଳାରେ ଆଜି ଆମେ ଆପଣଙ୍କୁ 'ଗୋଆର ସାଗରମାଳା' କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦନା କରୁଛୁ ।

ଦେଶର ସାମୁଦ୍ରିକ କ୍ଷେତ୍ର ଏବେ ବାଣିଜ୍ୟ ବ୍ୟବସାୟ ପାଇଁ ମେରୁଦଣ୍ଡ ସାବ୍ୟସ୍ତ ହୋଇଛି । ୧୧ ହଜାର କିଲୋମିଟରରୁ ଅଧିକ ଦୀର୍ଘ ଉପକୂଳ ଅଞ୍ଚଳ ଏବଂ ୧୪ ହଜାର ୫୦୦ କିଲୋମିଟର ସମ୍ଭାବ୍ୟ ଜଳପଥ ଯୋଗାଯୋଗ ତଥା ପ୍ରମୁଖ ଆନ୍ତର୍ଜାତିକ ସାମୁଦ୍ରିକ ବାଣିଜ୍ୟ ମାର୍ଗର ଉପଯୋଗକୁ ଦୃଷ୍ଟିରେ ରଖି ୨୦୧୫ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶ ବ୍ୟାପି ସାଗରମାଳା କାର୍ଯ୍ୟକ୍ରମ ଆରମ୍ଭ

କରାଯାଇଥିଲା । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆର୍ôିକ ଅଭିବୃଦ୍ଧି ଓ ବିକାଶକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ ଭାରତର ସାମୁଦ୍ରିକ ସମ୍ଭାବନାକୁ ବିନିଯୋଗ କରିବା ଉପରେ ଗୁରୁତ୍ୱ ପ୍ରଦାନ କରୁଛନ୍ତି ।

ଏକ ଦୃଢ଼ ସାମୁଦ୍ରିକ ଐତିହ୍ୟ, ବ୍ୟାପକ ଜଳପଥ ଓ ମୋର୍ମୁଗାଓ ବନ୍ଦର ସହ ଗୋଆରେ ଏହି କାର୍ଯ୍ୟକ୍ରମ ଅଧୀନରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । ବନ୍ଦର ଭିତ୍ତିଭୂମିର ବିକାଶ ସହିତ ଆଭ୍ୟନ୍ତରୀଣ ଜଳପଥ ଓ କ୍ରୁଜ୍ ପର୍ଯ୍ୟଟନ ଅଧିକ ବ୍ୟାପକ ହୋଇଛି । ଏହାଦ୍ୱାରା ନୂତନ ସୁଯୋଗ ସୃଷ୍ଟି ହୋଇଛି ।

## ଏଗେନସ୍ ଟେରର

ଆତଙ୍କବାଦ କାର୍ଯ୍ୟକଳାପ ବିରୁଦ୍ଧରେ ଭାରତ ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରୁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରଙ୍କ ଦୃଢ଼ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଦେଶରେ ଆତଙ୍କବାଦୀ କାର୍ଯ୍ୟକଳାପ ବହୁ ପରିମାଣରେ ହ୍ରାସ ପାଇଛି । ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ବେଳେ ପାକିସ୍ତାନ ବନ୍ଧୁକଧାରୀ ଚାରି ଦିନ ଧରି ସହରର କେତେକ ଅଞ୍ଚଳକୁ କବ୍‌ଜା କରି ରଖିଥିଲେ ।

ଭାରତ ଏହାର ପ୍ରତି ଉତ୍ତରରେ ପ୍ରମାଣ ସ୍ୱରୂପ କେବଳ କାଗଜପତ୍ର ପ୍ରସ୍ତୁତିରେ ନିଜକୁ ସୀମିତ ରଖିଥିଲା । ଏହି ନଥିପତ୍ର ସୀମା ଆରପଟକୁ ଗଲା କିନ୍ତୁ ଏହାର କିଛି ଫଳ ହେଲା ନାହିଁ । ବିଭିନ୍ନ ସମୟରେ ବାରମ୍ବାର

ଆକ୍ରମଣ ଜାରି ରହିଲା ଏବଂ ପ୍ରତ୍ୟେକ ଥର ତତ୍କାଳୀନ ସରକାର ଏହା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି କେବଳ କାଗଜପତ୍ର ମାଧ୍ୟମରେ ପ୍ରମାଣ ଦାଖଲ କରିବାରେ ନିଜକୁ ସୀମିତ ରଖିଥିଲେ । ତେବେ ସେପ୍ଟେମ୍ବର ୨୦୧୬ରେ କ୍ଷମା ପ୍ରଦାନ କରିବା ଚିନ୍ତାଧାରାରେ ପରିବର୍ତ୍ତନ ଆସିଲା ।

ଭାରତୀୟ ସେନା ନିୟନ୍ତ୍ରଣ ରେଖା ପାର କରି ଆତଙ୍କବାଦୀ ସ୍ଥଳୀକୁ ଲକ୍ଷ୍ୟ କରି ଆକ୍ରମଣ କରି ସଫଳତାର ସହ ପ୍ରତ୍ୟାବର୍ତ୍ତନ କରିଥିଲେ । ଅପରେସନ ଘୋଷଣା କରାଯିବା ସହ ଏହାର ସଫଳ ପରିଚାଳନା କରାଯାଇଥିଲା । ବାଲାକୋଟ୍ ଆକ୍ରମଣ ପରେ ଭାରତର ସୀମାପାର ଆତଙ୍କବାଦ ବିରୁଦ୍ଧରେ ପଦକ୍ଷେପ ଆହୁରି ଦୃଢ଼ ହୋଇଥିଲା । ୨୦୧୯ ଫେବୃୟାରୀରେ ମିରାଜ ଯୁଦ୍ଧ ବିମାନ ପାକିସ୍ତାନ ଭିତରେ ପ୍ରବେଶ କରି ଆତଙ୍କବାଦୀ ଆଡ୍ଡା ସ୍ଥଳୀ ଉପରେ ଆକ୍ରମଣ କରିଥିଲା । ୧୯୭୧ ମସିହା ପରେ ପ୍ରଥମଥର ପାଇଁ ଆନ୍ତର୍ଜାତିକ ସୀମାପାର କରି ଭାରତୀୟ ବାୟୁସେନା ଏହି ଆକ୍ରମଣ କରିଥିଲା । ୨୦୨୫ରେ ଅପରେସନ ସିନ୍ଦୂର ସମୟରେ ଗୋଟିଏ ରାତିରେ ପାକିସ୍ତାନର ୯ଟି ଆତଙ୍କବାଦୀ ଆଡ୍ଡା ସ୍ଥଳୀକୁ ଆକ୍ରମଣ କରି ଧ୍ୱଂସ କରି ଦିଆଯାଇଥିଲା ।

ଆତଙ୍କବାଦ ବିରୁଦ୍ଧରେ ଏହା ଥିଲା ଭାରତର ସ୍ପଷ୍ଟ ସୂଚନା । ଆତଙ୍କବାଦୀ ଆକ୍ରମଣର ସାମରିକ ଜବାବ ଦିଆଯାଉଛି ଓ ସେମାନଙ୍କୁ ଆଶ୍ରୟ ଦେଉଥିବା ରାଷ୍ଟ୍ର ବିରୁଦ୍ଧରେ ଆନ୍ତର୍ଜାତିକ ମଞ୍ଚରେ ପଦକ୍ଷେପ ଗ୍ରହଣ କରାଯାଉଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ନେତୃତ୍ୱରେ ଭାରତର

ପଦକ୍ଷେପ ନଥିପତ୍ରଠୁ ପରିବର୍ତ୍ତିତ ହୋଇ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିଛି । ଆତଙ୍କବାଦ ବିରୁଦ୍ଧରେ ପ୍ରଧାନମନ୍ତ୍ରୀ କହିଥିଲେ – **V/O**

# କ୍ରିକେଟ୍

ଲକ୍ଷ୍ନୌ ଟି-ଟ୍ୱେଣ୍ଟି ପୁରୁଷବର୍ଗ ଆନ୍ତର୍ଜାତିକ କ୍ରିକେଟ୍ ପ୍ରତିଯୋଗିତାରେ ଭାରତ ୱେଷ୍ଟଇଣ୍ଡିଜ୍‌କୁ ୮ ୱିକେଟ୍‌ରେ ପରାସ୍ତ କରିଛି । ଚଳିତ ୫ଟିକିଆ ସିରିଜ୍‌ର ଗତକାଲି ଅନୁଷ୍ଠିତ ଏହି ପ୍ରଥମ ମ୍ୟାଚ୍‌ରେ ଭାରତ ଟସ୍ ଜିତି ୱେଷ୍ଟଇଣ୍ଡିଜ୍‌କୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ୧୯ ଓଭର ଗୋଟିଏ ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୱେଷ୍ଟଇଣ୍ଡିଜ୍ ୧୭୧ରନ୍ ସଂଗ୍ରହ କରିଥିଲା । ଭାରତ ପକ୍ଷରୁ ନମନ ଧୀର ତିନୋଟି ୱିକେଟ୍ ହାସଲ କରିଥିଲେ । ୧୭୨ରନ୍‌ର ବିଜୟ ଲକ୍ଷ୍ୟକୁ ଭାରତ ୧୪ ଓଭର ୪ଟି ବଲ୍‌ରେ ୨ ୱିକେଟ୍ ବିନିମୟରେ ହାସଲ କରିପାରିଥିଲା । ଅଧିନାୟକ ଶ୍ରେୟସ ଆୟର ୪୩ଟି ବଲ୍‌ରୁ ଚିତାକର୍ଷକ ଅପରାଜିତ ୧୦୨ରନ୍ ସଂଗ୍ରହ କରିଥିଲେ । ଶ୍ରେୟସ୍ ଆୟରଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି । ଆସନ୍ତା ଶୁକ୍ରବାର ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ରାଞ୍ଚିଠାରେ ଖେଳାଯିବ ।